# Phone call between Prime Minister Shri Narendra Modi and H.E. Dr. Thongloun Sisoulith, Prime Minister of Lao People's Democratic Republic

June 12, 2020

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ଲାଓସ ପ୍ରଧାନମନ୍ତ୍ରୀ ମହାମହିମ ଡକ୍ଟର ଥୋଙ୍ଗଲୋନ ଶିସୌଲିଥଙ୍କ ମଧ୍ୟରେ ଫୋନରେ ବାର୍ତ୍ତାଳାପ

ଜୁନ 12, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଲାଓସର ପ୍ରଧାନମନ୍ତ୍ରୀ ମହାମହିମ ଡକ୍ଟର ଥୋଙ୍ଗଲୋନ ଶିସୌଲିଥଙ୍କ ସହିତ ଫୋନରେ କଥା ହୋଇଛନ୍ତି।

କୋଭିଡ-19 ମହାମାରୀ ଯୋଗୁ ଉପୁଜିଥିବା ପରିସ୍ଥିତି ପ୍ରସଙ୍ଗରେ ଦୁଇ ନେତା ମତ ଆଦାନପ୍ରଦାନ କରିଥିଲେ। ଲାଓସରେ ଏହି ମହାମାରୀକୁ ବ୍ୟାପିବାରୁ ରୋକିବା ପାଇଁ ଲାଓସ ସରକାରଙ୍କ ଦ୍ୱାରା ନିଆଯାଇଥିବା ପ୍ରଭାବକାରୀ ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଶଂସା କରିଥିଲେ।

କୋଭିଡ ପରବର୍ତ୍ତୀ ଦୁନିଆ ପାଇଁ ପ୍ରସ୍ତୁତ ହେବା ପାଇଁ ଏବଂ ଉତ୍ତମ କାର୍ଯ୍ୟ ପଦ୍ଧତି ଓ ଅନୁଭୂତି ବାଣ୍ଟିବା ପାଇଁ ଦୁଇ ନେତା ଆନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ସହମତ ହୋଇଥିଲେ।

ଲାଓସ ସହିତ ଭାରତର ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ଉପରେ ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱ ଦେଇଥିଲେ ଏବଂ ବିଶ୍ୱ ଐତିହ୍ୟ ଭାଟ ଫୋର ପୁନରୁଦ୍ଧାର କାର୍ଯ୍ୟରେ ଭାରତ ଜଡିତ ଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ। ଲାଓସ ବିକାଶ କାର୍ଯ୍ୟକ୍ରମ, କ୍ଷମତା ବୃଦ୍ଧି ଏବଂ ଛାତ୍ର ବୃତ୍ତି ପାଇଁ ଭାରତର ସହାୟତା ପାଇଁ ଲାଓସର ପ୍ରଧାନମନ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ଏକ ମୂଲ୍ୟବାନ ଭାଗିଦାର ଭାବରେ ଲାଓସ ସହିତ ଭାରତର ବିକାଶ ଭାଗିଦାରୀ ପ୍ରତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ମୋଦୀ ଦୋହରାଇଥିଲେ।

**ନୂଆଦିଲ୍ଲୀ**

ଜୁନ 12, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.